




# କ'ଣ ଅଲଗା ହେବେ ଅଭିଷେକ୍-ଐଶ୍ୱର୍ଯ୍ୟା ?

ବଲିଉଡର ଚର୍ଚ୍ଚିତ ଜପଲ ଅଭିଷେକ ବଚ୍ଚନ ଏବଂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ । ଶୁଣିବାକୁ ମିଳୁଥିଲା ଦୁହିଁଙ୍କ ମଧ୍ୟରେ କିଛି ଠିକ୍ ନାହିଁ । ଏହି ଚର୍ଚ୍ଚା ମଧ୍ୟରେ ଦୁହେଁ ଛାଡ଼ପତ୍ର ନେବେ । ହେଲେ ଏବେ କିଛି ଫଟୋ ସାମ୍ନାକୁ ଆସିଛି । ଯାହାକୁ ଦେଖି ପ୍ରଶଂସକଙ୍କ ହୃଦୟ ଭାଙ୍ଗିଛି । ଅଭିଷେକଙ୍କ ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ସେ ନିଜ ଆଙ୍ଗୁଠିରୁ ବିବାହ ସମୟର ମୁଦି ପିନ୍ଧିନଥିବା ଦେଖାଯାଇଛି । ରେଡିଟରେ ଏକ ଭିଡିଓ ସେୟାର କରାଯାଇ ଦାବି କରାଯାଇଛି ଯେ, ଅଭିଷେକ ଆଜି ପର୍ଯ୍ୟନ୍ତ ନିଜ ଆଙ୍ଗୁଠିରେ ବିବାହ ସମୟର ମୁଦି ପିନ୍ଧୁଥିଲେ । ହେଲେ ଏବେ ସେ ମୁଦି ନଜର ଆସୁ ନାହିଁ । ତେବେ ସେ ନିଜ ହାତରୁ ମୁଦିକୁ କାହିଁକି ବାହାର କରିଛନ୍ତି ତାହାକୁ ନେଇ ଜଳ୍ପନାକଳ୍ପନା ଆରମ୍ଭ ହୋଇଛି । ସମସ୍ତେ କହୁଛନ୍ତି କି ପତ୍ନୀ ଐଶ୍ୱର୍ଯ୍ୟାଙ୍କ ସହ ବିବାଦ ଏହା ପଛର କାରଣ ହୋଇପାରେ । ହେଲେ ଏଯାଏଁ ଉଭୟ କିଛି ବି ମୁହଁ ଖୋଲି କହି ନାହାନ୍ତି । କହିବାକୁ ଗଲେ ନଭେମ୍ବର ୧ ଐଶ୍ୱର୍ଯ୍ୟାଙ୍କ ଜନ୍ମଦିନ ଥିଲେ । ସେ ତାଙ୍କ ମାଆ -ଝିଅ ସହ ସେଲିବ୍ରେସନ୍ କରିଥିଲେ । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଜନ୍ମଦିନରେ ଅଭିଷେକ କିମ୍ବା ବଚ୍ଚନ ପରିବାରର କେହି ନଥିଲେ । ଏଭଳି ଛାଡପତ୍ର ଖବରକୁ ନେଇ ଚର୍ଚ୍ଚା ହେବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି । ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଏହା କେତେ ସତ ତାହା ଜାଣିନି, କିନ୍ତୁ ମୁଁ ସବୁବେଳେ ଭାବୁଥିଲି ଯେ ବଚ୍ଚନ ପରିବାରରେ ଛାଡପତ୍ର ଅସମ୍ଭବ । ତାଙ୍କ ପରିବାରଠୁ ଏହା ଆଶା କରାଯାଉନଥିଲା । ଅନ୍ୟ ଜଣେ ଲେଖିଛନ୍ତି, ଯେପର୍ଯ୍ୟନ୍ତ ଅମିତାଭ ବଚ୍ଚନ ବଂଚିଛନ୍ତି, ସେ ପର୍ଯ୍ୟନ୍ତ ଦୁହିଁଙ୍କ ଛାଡ଼ପତ୍ର ହେବାକୁ ଦେବେ ନାହିଁ ।

# ଘୋଡା ଖାଉଛି ଡ୍ରାଏଫ୍ରୁଟ୍ସ, ପିଉଛି ୪ ଲିଟର କ୍ଷୀର

ବିହାର ସାରଣ ଜିଲ୍ଲାରେ ଲାଗିଛି ଏସିଆର ସର୍ବବୃହତ ପଶୁ ମେଳା । ସେଠିକି ଆସିଛନ୍ତି ଅନେକ ପ୍ରକାରର ପଶୁ । ଗଡ଼ିକି ଗଡ଼ି ପଶୁଙ୍କ ମେଳା ଲାଗିଛି ଏଠାରେ । ତେବେ ଏହି ମେଳାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ୧୦ ଲକ୍ଷର ଘୋଡା । ଖାଲି ସେତିକି ନୁହେଁ ଏହି ଘୋଡାର ଦାମ୍ ରହିଛି ୧୦ ଲକ୍ଷ । ଘୋଡା ମାଲିକଙ୍କ କହିବା କଥା ଘୋଡା ପାଳନ ସବୁ ଲୋକଙ୍କ ପକ୍ଷେ ସମ୍ଭବ ନଥାଏ । କିଛି ଲୋକ ସଉକ ପାଇଁ ପାଳିଥାନ୍ତି ଘୋଡା । ଆଉ କିଛି ବେପାର ପାଇଁ ରଖିଥାନ୍ତି ଘୋଡା । ତେବେ ମାର୍କେଟକୁ ଆସିଥିବା ଘୋଡାର ରହିଛି ଅନେକ ଖାସିୟତ । ଘୋଡାର ଖାସିୟତ ହେଉଛି



ଏମିତି ସେମିତି ଘୋଡା ନୁହେଁ । କି ସାଧାରଣ ଖାଦ୍ୟ ବି ଖାଏନି । ଘୋଡାର ନିୟମିତ ଖାଦ୍ୟ ହେଉଛି କାଜୁ, କିସ୍‌ମିସ୍ ସହ ଡ୍ରାଏ ଫ୍ରୁଟ୍ । ଖାଲି ସେତିକି ନୁହେଁ ସାଙ୍ଗେ ସାଙ୍ଗେ ୪ ଲିଟର କ୍ଷୀର ବି ପିଏ । ଖାସ୍ ସେଥିପାଇଁ ଏହାର ଦାମ୍ ଅଧିକ ।

# ଫିଲ୍ମ ଇଣ୍ଡଷ୍ଟ୍ରିକୁ ବାଏ ବାଏ କରିବେ ଇଲିଆନା !



ଅଭିନେତ୍ରୀ ଇଲିଆନା ଡି'କ୍ରୁଜ ଦୀର୍ଘ ଦିନ ଧରି ଚଳଚ୍ଚିତ୍ର ଜଗତରୁ ଦୂରେଇ ରହିଛନ୍ତି । ବର୍ତ୍ତମାନ ଅଭିନେତ୍ରୀ ତାଙ୍କ ମାତୃତ୍ୱକୁ ଉପଭୋଗ କରୁଛନ୍ତି । ହେଲେ ତାଙ୍କ ପ୍ରଶଂସକମାନେ ଚଳଚ୍ଚିତ୍ରରେ ତାଙ୍କର କମ୍‌ବ୍ୟାକ୍‌କୁ ଅପେକ୍ଷା କରିଛନ୍ତି । ଏହି ସମୟରେ ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ ଖବର ସାମ୍ନାକୁ ଆସିଛି । ଯାହା ସେମାନଙ୍କୁ ନିରାଶ କରିପାରେ । କୁହାଯାଉଛି ହେଉଛି ଅଭିନେତ୍ରୀ ତାଙ୍କ ଚଳଚ୍ଚିତ୍ର କ୍ୟାରିୟରକୁ ଅଲବିଦା କହିବାକୁ ଯାଉଛନ୍ତି । କୁହାଯାଉଛି ସେ ଖୁବ୍‌ଶୀଘ୍ର ନିଜ ପରିବାର ସହିତ ଆମେରିକା ପଳାଇବେ । ହେଲେ ଏ ସମ୍ପର୍କରେ ଅଭିନେତ୍ରୀଙ୍କ ପକ୍ଷରୁ କୌଣସି ସୂଚନା ମିଳିନାହିଁ । ଆମେରିକା ଗଣମାଧ୍ୟମ ଅନୁଯାୟୀ ଇଲିଆନା ତାଙ୍କ ସ୍ୱାମୀ ମାଇକେଲ ଏବଂ ପୁଅ କୋଆଙ୍କ ସହ ଆମେରିକାକୁ ଶିଫ୍ଟ ହୋଇଯିବେ । କୁହାଯାଉଛି ଅଭିନେତ୍ରୀ ତାଙ୍କ ଚଳଚ୍ଚିତ୍ର କ୍ୟାରିୟରରୁ ବିଦାୟ ନେବାକୁ ଯାଉଛନ୍ତି । କହିବାକୁ ଗଲେ ଇଲିଆନା ଡି'କ୍ରୁଜ ଦୀର୍ଘ ଦିନ ଧରି ଚଳଚ୍ଚିତ୍ରଠାରୁ ଦୂରରେ ଥିଲେ । ଅଭିନେତ୍ରୀ ବିବାହ ପୂର୍ବରୁ ଗର୍ଭବତୀ ହୋଇଥିଲେ । ଚଳିତ ବର୍ଷ ଅଗଷ୍ଟରେ ମା' ହୋଇଥିଲେ । ଏବେ ସେ କୌଣସି ଫିଲ୍ମ ଅଫର ଗ୍ରହଣ କରୁନାହାଁନ୍ତି କାରଣ ସେ ଆମେରିକା ଯିବାକୁ ଯୋଜନା କରୁଛନ୍ତି । ଇଲିଆନା ବର୍ତ୍ତମାନ

# ରଣଦୀପଙ୍କ ବିବାହ ପାର୍ଟିରେ ଯୋଗଦେବେ ବହୁ ବଡ ତାରକା



ବଲିଉଡ ଅଭିନେତା ରଣଦୀପ ହୁଡ୍ଡା ନିକଟରେ ସେ ତାଙ୍କ ଦୀର୍ଘଦିନର ଗର୍ଲଫ୍ରେଣ୍ଡ ଲିନ ଲ୍ୟାଶରାମଙ୍କୁ ବିବାହ କରିଥିଲେ । ତାଙ୍କ ବିବାହରେ କେବଳ ପରିବାର ସଦସ୍ୟ ସାମିଲ୍ ହୋଇଥିଲେ । ବର୍ତ୍ତମାନ କପଲଙ୍କ ବିବାହ ରିସେପସନ ବିଷୟରେ ଲାଟେଷ୍ଟ ଖବର ସାମ୍ନାକୁ ଆସିଛି । ଅଭିନେତା ବିବାହ ପରେ ମୁମ୍ବାଇରେ ଏକ ଗ୍ରାଣ୍ଡ ରିସେପସନ ପାର୍ଟି ଦେବାକୁ ଯାଉଛନ୍ତି । ୧୧ ଡିସେମ୍ବରରେ ଅଭିନେତାଙ୍କ ବିବାହ ରିସେପସନ ଅନୁଷ୍ଠିତ ହେବ । ସେହି ପାର୍ଟିରେ ଇଣ୍ଡଷ୍ଟ୍ରିର ବଡ ତାରକା ଏଥିରେ ସାମିଲ୍ ହେବେ । ଏହି କପଲଙ୍କ ତାରକା ମଣିପୁରରେ ବିବାହ ପରେ ଏକ ପାର୍ଟିର ଆୟୋଜନ କରିଥିଲେ । ସୋସିଆଲ ମିଡିଆରେ ଏହାର ଫଟୋ ମଧ୍ୟ ସେୟାର କରିଥିଲେ । ରଣଦୀପ ଏବଂ ଲିନ ଏକାଠି କେକ କାଟୁଥିବାର ଦେଖିବାକୁ ମିଳିଥିଲା । ଏବେ ଏହି ଦମ୍ପତି ମୁମ୍ବାଇରେ ହେବାକୁ ଥିବା ବିବାହ ରିସେପସନ ପାଇଁ ପ୍ରସ୍ତୁତି କରୁଛନ୍ତି । ହେଲେ ରିସେପସନ କେଉଁଠାରେ ହେବ ତାହାର ଭେନ୍ୟୁ ଏପର୍ଯ୍ୟନ୍ତ ଜଣାପଡିନାହିଁ । ଖବର ଅନୁଯାୟୀ, ରଣଦୀପ ଏବଂ ଲିନ ସେମାନଙ୍କର ସମସ୍ତ ଚଳଚ୍ଚିତ୍ର ବନ୍ଧୁଙ୍କ ବଲିଉଡରେ ନିମନ୍ତ୍ରଣ କରିବାକୁ ଚାହୁଁଛନ୍ତି । ଉଭୟ ଦୀର୍ଘ ଦିନ ଧରି ବଲିଉଡର ଏକ ଅଂଶ ହୋଇ ସଲମାନ ଖାନଙ୍କ ଠାରୁ ଆରମ୍ଭ କରି ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରା ପର୍ଯ୍ୟନ୍ତ ସମସ୍ତଙ୍କ ସହ କାମ କରିଛନ୍ତି । ଏଭଳି ପରିସ୍ଥିତିରେ ଦମ୍ପତି ସମସ୍ତଙ୍କୁ ନିମନ୍ତ୍ରଣ କାର୍ଡ ପଠାଉଛନ୍ତି । କୁହାଯାଉଛି କି ସଲମାନ ଖାନ, ଇମ୍ରାନ ହାସମି, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ପ୍ରିୟଙ୍କା ଚୋପ୍ରା, ବିଜୟ ବର୍ମା, ତମନ୍ନା ଭାଟିଆଙ୍କ ପରି ଅଭିନେତାମାନେ ନିଶ୍ଚିତ ଭାବରେ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବେ । ପୋଷାକ ବିଷୟରେ କହିବାକୁ ଗଲେ ଲିନ ଏବଂ ରଣଦୀପ ନିଜ ବିବାହ ପରି ରିସେପସନରେ ବି ପାରମ୍ପରିକ ମଣିପୁରୀ ପୋଷାକ ପିନ୍ଧିବାକୁ ଯାଉଛନ୍ତି ।

